# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**30 MAY– 2026**

---

## ଏସ୍.ଆଇ.ଆର୍.

ରାଜ୍ୟରେ ଆଜିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ପାଇଁ ପ୍ରକ୍ରିୟା ଆରମ୍ଭ ହେଉଛି। ବୁଥ୍ ସ୍ତରୀୟ ଅଧିକାରୀ-ବି.ଏଲ୍.ଓ.ମାନେ ଆଜିଠାରୁ ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଘରକୁ ଘର ବୁଲି ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ଭୋଟରଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଯାଞ୍ଚ ସହ ସାମାନ୍ୟ ତ୍ରୁଟି ସଂଶୋଧନ କରାଯିବ । ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବି.ଏଲ୍.ଓ ନିୟୋଜିତ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ ସୂଚନା ଦେଇଛନ୍ତି ।

କଟକ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି, ସୁବର୍ଣ୍ଣପୁର, ନୟାଗଡ଼, ଖୋର୍ଦ୍ଧା, ଗଞ୍ଜାମ ଆଦି ଜିଲ୍ଲାରେ ଏସ୍ଆଇଆର୍ ପ୍ରସ୍ତୁତି ସଂପର୍କରେ ବୈଠକ ଅନୁଷ୍ଠିତ ହୋଇଯାଇଛି ।

---

## ପ୍ରକଳ୍ପ ପ୍ରତିଷ୍ଠା

ରାଜ୍ୟରେ ଏକ ଉନ୍ନତ ପ୍ୟାକେଜିଙ୍ଗ୍ ଗ୍ଲାସ୍କୋ ସବ୍ଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଏକ ଢାଞ୍ଚା ସ୍ଥାପନ କରିବା ଲାଗି ରାଜ୍ୟ ସରକାର ଇଣ୍ଟେଲ୍

କର୍ପୋରେସନ୍ ଏବଂ ଥ୍ରୀ-ଜିଏସ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ୟୁନିଟ୍ ଖୋର୍ଦ୍ଧା ଅଞ୍ଚଳରେ ସ୍ଥାପନ କରାଯିବାର ପ୍ରସ୍ତାବ ରହିଛି । ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ଦ୍ୱାରା ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସହାୟକ ହେବ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଏହି ପ୍ରସ୍ତାବିତ ପ୍ରକଳ୍ପ ଆଗାମୀ ୫ରୁ ୬ ବର୍ଷ ମଧ୍ୟରେ କାର୍ଯ୍ୟକାରି କରାଯିବ ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ପାଣ୍ଠି ପ୍ରଦାନ ଏବଂ ବିନିଯୋଗ ନେଇ ବିସ୍ତୃତ ସମୀକ୍ଷା କରିଛନ୍ତି । ବୈଠକରେ ସମଗ୍ର ଶିକ୍ଷା ଥ୍ରୀ ପଏଣ୍ଟ ଜିରୋକୁ ଆଗାମୀ ଦିନରେ ଅଧିକ ଦକ୍ଷ,ସ୍ୱଚ୍ଛ ଏବଂ ଫଳାଫଳ ଭିତ୍ତିକ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥାରେ ଅଧିକ ସମନ୍ୱୟ ତଥା ବ୍ୟାପକ ପ୍ରଭାବ ପାଇଁ ଏକୀକୃତ ଆଭିମୁଖ୍ୟ ଗ୍ରହଣ କରାଯିବ । ଏହି ଯୋଜନା ଅନୁଯାୟୀ ସମଗ୍ର ଶିକ୍ଷା ଅଭିଯାନ, ପିଏମ୍ ପୋଷଣ, ଉଲ୍ଲାସ, ପିଏମ୍‌ଶ୍ରୀ ଏବଂ ଅନ୍ୟ ଯୋଜନାଗୁଡ଼ିକର ମିଶ୍ରଣ କରାଯିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ରାଜ୍ୟପାଳ

ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ୍ ଟପ୍ପରମାନଙ୍କୁ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି । ଲୋକଭବନରେ ହାଇସ୍କୁଲ୍

ସାର୍ଟିଫିକେଟ୍ ପରୀକ୍ଷାରେ ଉନ୍ନତ ପ୍ରଦର୍ଶନ କରି ଶୀର୍ଷସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କ ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

## କୃଷିକ୍ଷେତ୍ର ଅଭିବୃଦ୍ଧି

୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷିକ୍ଷେତ୍ର ଆନୁମାନିକ ଭାବେ ୫ ଦଶମିକ ୩ ପ୍ରତିଶତ ହାରରେ ଅଭିବୃଦ୍ଧି ହାସଲ କରୁଛି । ଏହା ଜାତୀୟ ହାର ୩ ଦଶମିକ ୧ ପ୍ରତିଶତ ତୁଳନାରେ ଅଧିକ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି । ନୂଆଦିଲ୍ଲୀରେ ଜାତୀୟ ଖରିଫ୍ ସମ୍ମିଳନୀରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଚଳିତବର୍ଷ ୫୭ ଲକ୍ଷ ୪୦ ହଜାର ହେକ୍ଟର ଜମିରେ ଚାଷ କରିବାର ଲକ୍ଷ୍ୟ ରଖାଯାଇଛି । ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସରକାର ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଜଳବାୟୁ ସହନଶୀଳ କୃଷି ବ୍ୟବସ୍ଥା ଗଠନ ପାଇଁ ପଦକ୍ଷେପ ନେଉଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଖଣି ନିଲାମ

ରାଜ୍ୟ ଇସ୍ପାତ ଓ ଖଣି ବିଭାଗ ଅଧୀନରେ ଥିବା ଖଣି ଓ ଭୂତତ୍ତ୍ୱ ନିର୍ଦ୍ଦେଶାଳୟ ପକ୍ଷରୁ ୫ଟି ଜିଲ୍ଲାର ୧୧ଟି ଖଣିଜ ବ୍ଲକ ନିଲାମ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । କଳାହାଣ୍ଡି, ରାୟଗଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ବରଗଡ଼ ଜିଲ୍ଲାରେ ଥିବା ଖଣି ବ୍ଲକ ନିଲାମ ପାଇଁ ଜୁଲାଇ ମାସ ୧୩ ତାରିଖ ସୁଦ୍ଧା ବିଡ୍ ଦାଖଲ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଛି ।

## ପ୍ରକଳ୍ପ ଲୋକାର୍ପଣ

ଭଦ୍ରକ ଜିଲ୍ଲା ଧାମନଗର ଅନ୍ତର୍ଗତ ଷୋହଡ଼ା ପଞ୍ଚାୟତର ପିତେଇପୁରଠାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ୭୮ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏଥିରେ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟକେନ୍ଦ୍ର, ଗ୍ରନ୍ଥାଗାର ଏବଂ ମାର୍କେଟ କଂପ୍ଲେକ୍ସ ରହିଛି ।

## ମକ୍‌ଡ୍ରିଲ୍

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ-ଓସ୍‌ଡମା ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକରେ ସୁନାମୀ ପ୍ରସ୍ତୁତି ମକ୍‌ଡ୍ରିଲ୍ ସଫଳତାର ସହ ଶେଷ ହୋଇଛି ।

## ପାରା ତୀରନ୍ଦାଜୀ-ପାୟଲ ନାଗ

ବ୍ୟାଙ୍କକ୍‌ରେ ଅନୁଷ୍ଠିତ ପାରା ତୀରନ୍ଦାଜୀ ସିରିଜ୍ ୨୦୨୬ରେ ରାଜ୍ୟର ପାୟଲ୍ ନାଗ ୨ଟି ସ୍ୱର୍ଣ୍ଣ ପଦକ ଜିତିବା ସହ ଏସୀୟ ପାରାଗେମ୍‌ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ସଫଳତା ଲାଗି ରାଜ୍ୟ କ୍ରୀଡ଼ା ବିଭାଗ ପକ୍ଷରୁ ପାୟଲଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ପାୟଲଙ୍କୁ ୫ଲକ୍ଷ ୪୬ ହଜାର ୬୬୬ଟଙ୍କାର ପ୍ରୋତ୍ସାହନ ରାଶି ଏବଂ କ୍ରୀଡ଼ା ସରଞ୍ଜାମ କ୍ରୟ କରିବା ପାଇଁ ଅତିରିକ୍ତ ୩ ଲକ୍ଷ ୨୩ ହଜାର ୧୦୦ ଟଙ୍କା ପ୍ରଦାନ କରାଯାଇଛି ।

## ହିନ୍ଦୀ ସାମ୍ବାଦିକତା ଦିବସ

ହିନ୍ଦୀ ଭାଷାରେ ପ୍ରକାଶିତ ପ୍ରଥମ ସମ୍ବାଦପତ୍ର ଉଦନ୍ତ-ମାର୍ତ୍ତଣ୍ଡ ସ୍ମୃତିରେ ପ୍ରତବର୍ଷ ଆଜିର ଦିନକୁ ଦେଶରେ ହିନ୍ଦୀ ସାମ୍ବାଦିକତା ଦିବସ ରୂପେ ପାଳନ କରାଯାଉଛି। ୧୮୨୬ ମସିହା ମଇ ମାସ ୩୦ ତାରିଖରେ ଉଦନ୍ତ-ମାର୍ତ୍ତଣ୍ଡ ପ୍ରକାଶ ପାଇଥିଲା। ପଣ୍ଡିତ ଯୁଗଳ କିଶୋର ଶୁକ୍ଳ କଲିକତାରୁ ଏକ ସାପ୍ତାହିକ ଖବରକାଗଜ ଭାବେ ଏହାର ପ୍ରକାଶନ ଆରମ୍ଭ କରିଥିଲେ । ଇଂରେଜ ଶାସନ ସମୟରେ ଏହି ସମ୍ବାଦପତ୍ର ଲୋକମାନଙ୍କର ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଥିଲା।

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଏଥିପାଇଁ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷେ ଗତକାଲି ୧୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ୍ ଉପରେ ରହିଥିଲା । ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୧ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଥିଲା ।